# ଭାରତୀୟ ଜନତା ପାର୍ଟି, ଓଡିଶା

**ସେଲଟର ହୋମ ଗୁଡିକରେ ଯୌନ କେଲାଙ୍କାରୀ, ନାବାଳିକା ଚୋରା ଚାଲାଣ ଏବଂ ଧର୍ମାନ୍ତୀକରଣକୁ ସରକାରୀ ଦଳ ପ୍ରୋତ୍ସାହନ ଯୋଗାଇବା ଏବଂ ସମସ୍ତ ଘଟଣାକୁ ମିଥ୍ୟା ଦର୍ଶାଇବା ପ୍ରସଙ୍ଗରେ**

## ଶାସକ ଦଳର ସଂପୃକ୍ତିକୁ ଘୋଡାଇବା ପାଇଁ ବିଜେଡି ମହିଳା ଜନତା ଦଳ ମହିଳାଙ୍କ ସୁରକ୍ଷା ସହ ଖେଳିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ : ମହିଳାମୋର୍ଚ୍ଚା

- **ବିଜେଡି ସରକାର ମହିଳା ବିରୋଧୀ ସରକାର ବୋଲି ଆଜି ବିଜେଡି ପ୍ରେସମିଟରେ ପ୍ରମାଣିତ ହୋଇଛି**
- **ମହିଳାମାନଙ୍କ ସୁରକ୍ଷାକୁ ନେଇ ରାଜ୍ୟସରକାର ଆଦୌ ଚିନ୍ତିତ ନୁହଁନ୍ତି**
- **ଓଡିଶାରେ ଗୁଡ ନିଉଜ ଇଣ୍ଡିଆର ୨୬ଟି ସ୍ଥାନରେ ବେଆଇନ ଭାବେ ସେଲଟର ହୋମ ଚାଲୁଛି**
- **ସମସ୍ତ ଘଟଣାରେ ସଂପୃକ୍ତଥିବା ବିଜେଡି ମୁଖପାତ୍ର ସସ୍ମିତ ପାତ୍ରଙ୍କୁ ତଦନ୍ତ ପରିସରଭୂକ୍ତ କରିବା ସହ ବିଭାଗୀୟ ମନ୍ତ୍ରୀ ପ୍ରଫୁଲ ସାମଲ ତୁରନ୍ତ ନିଦ ମନ୍ତ୍ରୀପଦରୁ ଇସ୍ତଫା ଦିଅନ୍ତୁ**

**ଭୁବନେଶ୍ୱର, ତା ୧୫/୧୨ :** ସେଲଟର ହୋମ ଗୁଡିକରେ ଯୌନ କେଲାଙ୍କାରୀ, ନାବାଳିକା ଚୋରା ଚାଲାଣ ଏବଂ ଧର୍ମାନ୍ତୀକରଣକୁ ସରକାରୀ ଦଳ ପ୍ରୋତ୍ସାହନ ଯୋଗାଇବା ଏବଂ ସମସ୍ତ ଘଟଣାକୁ ମିଥ୍ୟା ଦର୍ଶାଇ ବିଜେଡି ମହିଳା ଜନତା ଦଳ ସାମ୍ବାଦିକ ସମ୍ମିଳନୀ କରି ବେନିୟମ ଭାବେ ଚାଲିଥିବା ଏକ ସଂସ୍ଥାକୁ ସମର୍ଥନ କରି ପୁଣି ଥରେ ମହିଳାମାନଙ୍କୁ ଅସମ୍ମାନ କରି ସେମାନଙ୍କ ସୁରକ୍ଷା ସହ ଖେଳ ଖେଳିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଶ୍ରୀମତୀ ପ୍ରଭାତି ପରିଡା ତହିଛନ୍ତି ।

ମହିଳାମାନଙ୍କ ସୁରକ୍ଷାକୁ ନେଇ ରାଜ୍ୟସରକାର ଆଦୌ ଚିନ୍ତିତ ନୁହଁନ୍ତି । ଏପରିକି ମହିଳାମାନଙ୍କ ସହ ଦୁର୍ବ୍ୟବହାର କରୁଥିବା ଅପରାଧୀମାନଙ୍କୁ ଶାସକ ଦଳର ନେତା ମାନେ ସୁରକ୍ଷା ଯୋଗାଇ ଆସୁଛନ୍ତି । ଗୁଡ ନିଉଜ ଇଣ୍ଡିଆ ନାମକ ସଂସ୍ଥା ନାବାଳିକାଙ୍କ ସହ ଯୌନ ବ୍ୟଭିଚାର, ନାବାଳିକା ଚୋରା ଚାଲାଣ ଏବଂ ଧର୍ମାନ୍ତୀକରଣ କରୁଥିବା ବେଳେ ଶାସକ ଦଳର ମହିଳା ଜନତା ଦଳ ଏହି ସଂସ୍ଥାକୁ ସମର୍ଥନ କରିଛି । ଶାସକ ବିଜେଡି ଦଳର ମୁଖପାତ୍ର ସସ୍ମିତ ପାତ୍ରଙ୍କ ମୁଖା ଖୋଲିଯିବା ଭୟରେ ମହିଳାମୋର୍ଚ୍ଚା ନିଜ ଦୋଷକୁ ଘଂଟ ଘୋଡାଇବା ପାଇଁ ଏଭଳି ନାଟକ କରୁଛି ବୋଲି ଶ୍ରୀମତୀ ପରିଡା ଅଭିଯୋଗ କରିଛନ୍ତି ।

ଶ୍ରୀମତୀ ପରିଡା କହିଛନ୍ତି ଯେ, ଦୀର୍ଘ ୧୯ ବର୍ଷ ଶାସନ ପରେ ରାଜ୍ୟ ସରକାର ମହିଳାମାନଙ୍କୁ ସୁରକ୍ଷା ଦେଇପାରିଲେ ନାହିଁ । ଯଦି ରାଜ୍ୟ ସରକାରଙ୍କ ଏହି ସଂସ୍ଥା ସହ ସଂପୃକ୍ତି ନଥାନ୍ତା, ତେବେ ଗତ ଡିସେମ୍ବର ୨ ତାରିଖ ଦିନ ସେଲଟର ହୋମରୁ ନାବାଳିକା ଛାତ୍ରଛାତ୍ରୀମାନଙ୍କୁ ସ୍ଥାନନ୍ତରିତ କରିନଥାନ୍ତେ । ଯେଉଁ ସରକାର ରାଜ୍ୟର ମହିଳାମାନଙ୍କ ଦାୟୀତ୍ୱ ନେବା କଥା, ସେହି ସରକାର ଅନ୍ୟ ରାଜ୍ୟମାନଙ୍କର ସହ ନିଜ ରାଜ୍ୟକୁ ତୁଳନା କରି ମହିଳାମାନଙ୍କୁ ସୁରକ୍ଷା ଯୋଗାଇବାରେ ନିଜର ବିଫଳତାକୁ ସ୍ୱୀକାର କରିବା ଅତ୍ୟନ୍ତ ଲଜ୍ଜାଜନକ ଘଟଣା । ନଗଡା ଓ ମାଲକାନଗିରି ଜିଲ୍ଲାରେ ଶିଶୁ ମୃତ୍ୟୁ, କଟକ ବଡ ମେଡିକାଲ ଶିଶୁ ମୃତ୍ୟୁ, କୁନ୍ଦୁଲୀ ଭଳି ଅନେକ ନିରୀହ ଆଦିବାସୀ ଝିଅ ଓ ମହିଳାମାନେ ନ୍ୟାୟ ନପାଇ ଆତ୍ମହତ୍ୟା କରିବା, ବିଧବା ମହିଳାଙ୍କୁ ଯୋଜନା କରାଇବା ନାଁରେ ବିଜେଡି କାର୍ଯ୍ୟାଳୟରେ ଦୁଷ୍କର୍ମ କରିବା, ବିଧାୟକଙ୍କ ସଂପର୍କୀୟମାନେ ନାବାଳିକା ଝିଅମାନଙ୍କ ସହ ଦୁଷ୍କର୍ମ କରିବା ଘଟଣାରୁ ଶାସକ ଦଳ କିପରି ରାଜ୍ୟରେ ମା, ଭଉଣୀମାନଙ୍କୁ ସୁରକ୍ଷା ଦେଉଛି ତାହା ରାଜ୍ୟବାସୀ ଜାଣିଛନ୍ତି ବୋଲି ଶ୍ରୀମତୀ ପରିଡା କହିଛନ୍ତି ।

ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ପ୍ରରୋଚନାରେ ଓଡିଶାରେ ଗୁଡ ନିଉଜ ଇଣ୍ଡିଆର ୨୬ଟି ସ୍ଥାନରେ ବେଆଇନ ଭାବେ ସେଲଟର ହୋମ ଚାଲୁଛି । ଏହା ଭିତରେ ମହିଳାମାନଙ୍କୁ ଆଶ୍ରୟ ଦେବା ନାଁରେ ଯୌନ ବ୍ୟଭିଚାର, ଚୋରାଚାଲାଣ ଏବଂ ଧର୍ମାନ୍ତୀକରଣ ଚାଲିଛି । ମୁଖ୍ୟମନ୍ତ୍ରୀ ବି ଏହି ପ୍ରସଙ୍ଗରେ ନିଜର ମନ୍ତବ୍ୟ ନଦେଇ ଘଟଣାକୁ ସମର୍ଥନ କରିଚାଲିଛନ୍ତି ବୋଲି ଶ୍ରୀମତା ପରିଡା କହିଛନ୍ତି ।

କେନ୍ଦ୍ରର ତଦନ୍ତକାରୀ ସଂସ୍ଥାର ଯାଂଚ ଦ୍ୱାରା ଶାସକ ଦଳର ଗୁମର ଖୋଲିଯିବା ଭୟରେ ବିଜୁ ମହିଳା ଜନତା ଦଳ ପ୍ରେସମିଟ କରି ମିଥ୍ୟା ତଥ୍ୟ ରଖି ରାଜ୍ୟବାସୀଙ୍କୁ ଭୂଆଁ ବୁଲାଇବାର ଅପଚେଷ୍ଟା କରୁଛି । ବିଜେଡି ସରକାର ମହିଳା ବିରୋଧୀ ସରକାର ବୋଲି ଆଜିର ପ୍ରେସମିଟରେ ପ୍ରମାଣିତ ହୋଇଛି । ପ୍ରଶାସନର ପୋତ୍ସାହନ ଏବଂ ସରକାରରଙ୍କ ସଂପୃକ୍ତିରେ ଏଭଳି ଘଟଣା ଘଟିଛି । ଏହି ସମସ୍ତ ଘଟଣାରେ ସଂପୃକ୍ତଥିବା ବିଜେଡି ମୁଖପାତ୍ର ସସ୍ମିତ ପାତ୍ରଙ୍କୁ ତଦନ୍ତ ପରିସରଭୂକ୍ତ କରିବା ସହ ବିଭାଗୀୟ ମନ୍ତ୍ରୀ ପ୍ରଫୁଲ ସାମଲ ତୁରନ୍ତ ନିଦ ମନ୍ତ୍ରୀପଦରୁ ଇସ୍ତଫା ଦିଅନ୍ତୁ ବୋଲି ଶ୍ରୀମତୀ ପରିଡା ଦାବି କରିଛନ୍ତି ।

**(ବିଜେପି ମିଡିଆ ସେଲ୍)**